# Akashvani, Sambalpur

## SAMBALPURI NEWS EVENING BULLETIN

**16 July 2024- 7.02 pm- 7.12 pm.**

*********************************************

୧- ପୁରୀ ଶ୍ରୀମନ୍ଦିର୍‌ର ଭିତର୍ ରତ୍ନଭଣ୍ଡାର୍ ଆଏବା ଗୁରୁବାର୍ ଦିନ ଫେର୍‌ଘାଏ ଖୁଲାଯିବା - ତଦାରଖ୍ କମିଟିର୍ ବୈଠକ୍‌ର ନିଷ୍ପତି ।

୨- ଶ୍ରୀକ୍ଷେତ୍ର ପୁରୀ ନ ଆଏବା କାଏଲ୍ ରଥାରୁଢ଼୍ ମାହାପୁରୁମାନ୍‌କର୍ ହେବା ସୁନାବେଶ ।

୩- ଅନୁସୂଚିତ ଜନଜାତି ଆର୍ ଅନୁସୂଚିତ ଜାତି ଉନ୍ନୟନ୍ ବିଭାଗ୍ ପରିଚାଳିତ୍ ହଷ୍ଟେଲ୍‌ମାନ୍‌କେ ଖାଦ୍ୟର୍ ମାନ ବୃଦ୍ଧି ଉପ୍‌ରେ ଗୁରୁତ୍ୱ ଦେଇଛନ୍ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ରାଏଜେ ଯୁକ୍ତ ୩ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ବାହାର୍‌ଲା ୩ ନମ୍ବର୍ ଖେପ୍ ମେଧା ତାଲିକା ।

- ୨୦ ତାରିଖ୍ ବାହାର୍‌ବା ଯୁକ୍ତ ଦୁଇ ନାଁଲେଖାର୍ ପହେଲା ଖେପ୍ ମେଧା ତାଲିକା ।

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍‌ର ଭିତର୍ ରତ୍ନଭଣ୍ଡାର୍ ଆଏବା ଗୁରୁବାର୍ ଦିନ ଫେର୍‌ଘାଏ ଖୁଲ୍‌ବାର୍‌କେ ରତ୍ନଭଣ୍ଡାର୍ ତଦାରଖ୍ କମିଟିର୍ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ହେଇଥିବା ବୈଠକ୍‌ଥି ଭିତର୍ ରତ୍ନଭଣ୍ଡାର୍ ଖୁଲ୍‌ବାର୍ ସମିଆ ଧାରିଜ୍ ସାଙ୍ଗେ ବାକି ଦର୍‌କାରୀ ପଦକ୍ଷେପ୍ ବାବ୍‌ଦେ ଆଲୋଚନା ହେଇଥିଲା । ଗୁରୁବାର୍ ଦିନ ରଥ ଉପ୍‌ରେ ମାହାପୁରୁମାନ୍‌କର୍ ଅଧର୍‌ପଣା ନୀତି ହେଉଥିବାର୍‌ନୁ ଭକ୍ତମାନ୍‌କୁ ଶ୍ରୀମନ୍ଦିର୍ ଭିତର୍‌କେ ଯିବାର୍ ଅନୁମତି ନାଇଁ ଦେବାର୍‌କେ ବୈଠକ୍‌ଥି ନିଷ୍ପତି ହେଇଛେ । ସେଦିନ ସଖାଲର୍ ୮ ବଜୁ ଇ କଟ୍‌କନା ଲାଗୁ ହେବା ବଲି ଥିର୍ ହେଇଛେ । ବୈଠକ୍‌ଥି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ସହେତେ କମିଟିର୍ ସଦସ୍ୟମାନେ ଉପସ୍ଥିତ୍ ଥିଲେ । ବୈଠକ୍ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଦେଇକରି ରତ୍ନଭଣ୍ଡାର୍ ତଦାରଖ୍ କମିଟିର୍ ଅଧ୍ୟକ୍ଷ ଜଷ୍ଟିସ୍ ରଥ କହିଛନ୍...

(ଭଏସ୍ ଓଭର୍- ଜଷ୍ଟିସ୍ ରଥ)

ଇନ ଜନେଇ ଦିଆଯାଇପାରେ ଯେ, ଗଲା ରଏବାର୍ ଦିନ ଶ୍ରୀମନ୍ଦିର୍ ଭିତର୍ ରତ୍ନଭଣ୍ଡାର୍‌ର ତାଲା ଭଙ୍ଗାଯାଇକରି ନୂଆଁ ତାଲା ପକେଇକରି ଚାବିକେ ଜିଲ୍ଲା ଟ୍ରେଜେରୀ ନ ସଂରକ୍ଷିତ୍ ରଖାଯାଇଛେ ।

## ରଥାରୁଢ଼ ଚତୁର୍ଦ୍ଧାମୂର୍ତିଙ୍କର୍ ଦର୍ଶନ୍        ଆର୍ଏନ୍ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ସିଂହଦୁଆର ଆଗାଢ଼େ ରଥାରୁଢ଼ ଚତୁର୍ଦ୍ଧାମୂର୍ତିଙ୍କର୍ ଦର୍ଶନ୍ ଲାଗି ଭକ୍ତମାନ୍‌କର୍ ଭିଡ଼ ଲାଗିଛେ । ଭକ୍ତମାନେ ଯେନ୍ତା ଶୃଙ୍ଖଲିତ୍ ଭାବେ ମାହାପୁରୁଙ୍କର୍ ଦର୍ଶନ୍ କରିପାର୍‌ବେ, ହେଥିର୍‌ଲାଗି ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାରର୍ ପଦକ୍ଷେପ୍ ନିଆଯାଇଛେ । ରଥ ନ ଆଏବା କାଏଲ୍ ମାହାପୁରୁମାନ୍‌କର୍ ସୁନାବେଶ ଆର୍ ପର୍‌ଦିନ ଅଧର୍‌ପଣା ନୀତି ହେବା । ହେଥିର୍‌ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ପ୍ରସ୍ତୁତି ଚାଲିଛେ । ଆଏବା ଶୁକ୍ରବାର୍ ୧୯ ତାରିଖ୍ ଦିନ ମାହାପୁରୁମାନ୍‌କର୍ ନୀଳାଦ୍ରୀ ବିଜେ ହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

## ସୁନାବେଶ- ସ୍ୱତନ୍ତ୍ର ଟ୍ରେନ୍        ଆର୍ଏନ୍ୟୁ/ କଟକ୍

ପୁରୀ ଶ୍ରୀକ୍ଷେତ୍ର ନ ମାହାପୁରୁମାନ୍‌କର୍ ସୁନାବେଶ ଆର୍ ଅଧରପଣା ନୀତି ଦେଖିବାର୍‌କେ ଖୋବ୍ ସଂଖ୍ୟା ନ ଭକ୍ତଙ୍କର୍ ଭିଡ଼୍ ହେବାର୍ ସମ୍ଭାବନା ଦୃଷ୍ଟିନୁ ପୂର୍ବତଟ ରେଲ୍‌ବାଇ ତର୍‌ଫୁ ରାଏଜର୍ ଭିନ୍ ଭିନ୍ ଇଲାକା ଆର୍

ପଡ଼ୋଶୀ ରାଜ୍ୟମାନ୍‌କର୍‌ନୁ ସ୍ୱତନ୍ତ୍ର ଟ୍ରେନ୍ ଚଲାବାର୍ ବ୍ୟବସ୍ଥା କରାଯାଇଛେ । ଚାଲୁଥିବା ଟ୍ରେନ୍‌କେ ଛାଡ଼ିକରି ଆଏବା କାଏଲ୍ ସୁନାବେଶ ଲାଗି ସ୍ୱତନ୍ତ୍ର ଭାବେ ୪୩ ଟା ଆର୍ ଗୁରୁବାର୍ ଅଧରପଣା ନୀତି ଲାଗି ୩୩ ଟା ଅତିରିକ୍ତ ଟ୍ରେନ୍ ଚାଲ୍‌ବା । ଟ୍ରେନ୍ ଚଲାଚଲ୍‌କେ ସୁଗମ କର୍‌ବାର୍ ସହେତେ ଯାତ୍ରୀମାନ୍‌କର୍ ସୁବିଧାର୍ ଲାଗି ରେଲ୍‌ବାଇ ତର୍‌ଫୁ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ସାଙ୍ଗେ ଅତିରିକ୍ତ ଟିକେଟ୍ ବୁକିଂ କାଉଂଟର୍ ଭିଲ୍ ଖୁଲାଯାଇଛେ ।

ଅନୁସୂଚିତ ଜନଜାତି ଜାତି ବିଭାଗ୍-ମୁଖ୍ୟମନ୍ତ୍ରୀ

ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଅନୁସୂଚିତ ଜନଜାତି ଆର୍ ଅନୁସୂଚିତ ଜାତି ଉନ୍ନୟନ୍ ବିଭାଗ୍ ପରିଚାଲିତ୍ ହଷ୍ଟେଲ୍ ମାନ୍‌କୁ ଛୁଆକର୍ ଖାଦ୍ୟର ମାନବୃଦ୍ଧି, ସ୍ୱାସ୍ଥ୍ୟର ସୁରକ୍ଷା ଆଉ ସ୍ୱଚ୍ଛତା ଉପ୍‌ରେ ସର୍ବାଧିକ୍ ଗୁରୁତ୍ୱ ଦେବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପରାମର୍ଶ ଦେଇଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ଅନୁସୂଚିତ ଜନଜାତି ଆର୍ ଅନୁସୂଚିତ ଜାତି ଉନ୍ନୟନ୍ ବିଭାଗ୍‌ର କାର୍ଯ୍ୟକ୍ରମ୍‌ର ସମୀକ୍ଷା ବୈଠକ୍‌ଥି ଅଧାନୁ ପାଠ୍ ଛାଡ଼୍‌ବାର୍‌ଟା କମ୍ କର୍‌ବାର୍ ଉପ୍‌ରେ ମୁଖ୍ୟମନ୍ତ୍ରୀ ଜୋର୍ ଦେଇଛନ୍ । ସେ କହିଛନ୍ ଯେ, ଅଏତ୍‌କା ଉଚ୍ଚ ବିଦ୍ୟାଳୟକେ ଉନ୍ନିତ କର୍‌ବାର୍‌କେ ପଢ଼୍‌ବା ଆର୍ ଇ

ବଛର୍ କମ୍‌ସେକମ୍ ୧୦ ଟା ଉଛବିଦ୍ୟାଳୟକେ ଉଛମାଧ୍ୟମିକ ବିଦ୍ୟାଳୟ କର୍‌ବାର୍ ଦର୍‌କାର୍ । ଇତାର୍‌ସଙ୍ଗେ କେତେଟା ହଷ୍ଟେଲ୍‌କେ ଶହେ ଆସନ୍‌ର କର୍‌ବାର୍ ଲାଗି ସେ ନିର୍ଦ୍ଦେଶ୍ ଦେଇଛନ୍ । ଓଡ଼ିଶାର୍ ଲାଗି ଶହେ ୧୪ ଟା ଏକଲବ୍ୟ ସ୍କୁଲ୍ ଅନୁମୋଦନ୍ ପାଇଥିବାର୍ ବେଲେ ଏଛେନ୍‌କା ୩୨ ସ୍କୁଲ୍ ଚାଲୁଛେ ଆଉ ୧୫ ଟା ସ୍କୁଲ୍ ଖୋବ୍ ଜଲ୍‌ଦି ଚାଲୁ କର୍‌ବାର୍ ପ୍ରକ୍ରିୟା ତ୍ୱରାନ୍ୱିତ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ଅଧାନୁ ପାଠ୍ ଛାଡ଼୍‌ବାର୍‌ଟା ରୁକ୍‌ବାର୍‌କେ ଥିବା ମାଧୋସିଂ ହାତଖର୍ଚ୍ଚ ଯୋଜ୍‌ନା, ଜଙ୍ଗଲ୍ ଜମି ଅଧିକାର୍ ଯୋଜ୍‌ନା, ଅନ୍ୱେଷା, ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍ ଉପ୍‌ରେ ଭିଲ୍ ଆଲୋଚନା କରାଯାଇଥିଲା । ଆଲୋଚନାଥି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଜନଔଷଧୀ କେନ୍ଦ୍ର ଆର୍‌ଏନ୍‌ୟୁ/ କଟକ୍

ସ୍ୱାସ୍ଥ୍ୟସେବାକେ ଅଏତ୍‌କା ସୁଲଭ କର୍‌ବାର୍ ଲକ୍ଷ୍ୟଥି କେନ୍ଦ୍ର ସର୍‌କାର୍ ଜେନେରିକ୍ ଉଷୋ ତିଆରି ଆର୍ ବିକ୍ରି ଉପ୍‌ରେ ଅଏତ୍‌କା ଗୁରୁତ୍ୱ ଦଉଛନ୍ ଆଉ ଜେନେରିକ୍ ଉଷୋର୍ ଚାହିଦା ଭିଲ୍ ବଢୁଛେ । ସର୍‌କାରୀ ତଥ୍ୟ ଅନ୍‌ସାରେ ୨୦୨୨ ବଛର୍‌ନୁ ଗଲା ଆର୍ଥିକ୍ ବଛ୍‌ରେ ଜେନେରିକ୍ ଉଷୋ

କାର୍‌ବାର୍ ଖୋବ୍ ବଢ଼ିଥିଲା । ଡାକ୍ତର୍‌ଖାନା ନ ଭର୍ତି ହେଇକରି ଚିକିସ୍ଚିତ୍ ହେଉଥିବା ରୋଗୀମାନ୍‌କର୍ ଲାଗି ଆଏବା ୨୦୨୫ ମସିହାତକ୍ ଜେନେରିକ୍ ଉଷୋ ଯୁଗାବାର୍‌ଟାକେ ଅଏତ୍‌କା ସହଜ୍ କର୍‌ବାର୍‌କେ ଲକ୍ଷ୍ୟ ଧାରିଜ୍ ହେଇଛେ । ରାଜ୍ୟମାନ୍‌କୁ ଜେନେରିକ୍ ଉଷୋ ବିକ୍ରି ଲାଗି ପ୍ରଧାନ୍‌ମନ୍ତ୍ରୀ ଜନଔଷଧି କେନ୍ଦ୍ର ଥାପ୍‌ନା ଭିଲ୍ ଆଘର୍‌ଠାନୁ ବଢ଼ିଛେ । ଓଡ଼ିଶା ନ ଆଘୋ ୪ ଶହ ୨୫ ଟା ଜନଔଷଧୀ କେନ୍ଦ୍ର ଥିବାର୍ ବେଲେ ଗଲା ମାର୍ଚ୍ଚ ମାସ୍‌ତକ୍ ହେତାର୍ ସଂଖ୍ୟା ୫ ଶହ ୫୫ ତକ୍ ବଢ଼ିଛେ । ସାରାଦେଶେ ଏବ୍‌ତକ୍ ୧୨ ହଜାର୍ ୭ ଶହ ୮୧ ଟା ପ୍ରଧାନ୍‌ମନ୍ତ୍ରୀ ଜନଔଷଧୀ କେନ୍ଦ୍ର କାମ୍ କରୁଛେ ।

ଯୁକ୍ତ ୩- ୩ ନମ୍ବର୍ ଖେପ୍ ମେଧା ତାଲିକା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ହଜାରେ ୫୬ ଟା ଡିଗ୍ରୀ କଲେଜ୍ ନ ଚଲ୍‌ତି ଶିକ୍ଷା ବଛର୍ ଲାଗି ଯୁକ୍ତ ତିନ୍ ପାଠ୍ୟକ୍ରମ୍‌ଥି ନାଁଲେଖାବାର୍ ପ୍ରକ୍ରିୟା ଚାଲିଥିବାର୍ ବେଲେ ଆଏଜ୍ ଉପର୍‌ବେଲା ୩ ନମ୍ବର୍ ଖେପ୍ ମେଧା ତାଲିକା ବାହାରିଛେ । ୨ ନମ୍ବର୍ ଖେପ୍ ଶେଷ୍‌ତକ୍ ଲାଖେ ୨୦ ହଜାର୍ ୮ ଶହ ୮୫ ଟା ସିଟ୍ ପୁରା ହେଇଛେ ଆଉ ଇହାଦେ ଲାଖେ ୫୩ ହଜାର୍ ୨ ଶହ ୬୬ ଟା ସିଟ୍ ଖାଲି ପଡ଼ିଛେ । ୩ ନମ୍ବର୍ ଖେପ୍ ମେଧା ତାଲିକାଥି

ମନୋନୀତ୍ ଛାତ୍ରଛାତ୍ରୀମାନ୍‌କର୍ ନାଁଲେଖା ପ୍ରକ୍ରିୟା ଆଏବା ଗୁରୁବାର୍ ଦିନୁ ମୁଲ୍ ହେଇକରି ୨୨ ତାରିଖ୍‌ତକ୍ ଚାଲ୍‌ବା । ସେଆଡ଼େ ସପ୍ଲିମେଂଟରୀ ପରୀକ୍ଷାର୍ ଫଲାଫଲ୍ ବାହାର୍‌ଲା ଉତ୍‌ରୁ ୪ ନମ୍ବର୍ ଖେପ୍ ଆବେଦନ୍ ଲାଗି ବିଜ୍ଞପ୍ତି ବାହାର୍‌ବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ଯୁକ୍ତ ଦୁଇ ନାଁଲେଖା        ସୂଚନା ଲୋକସମ୍ପର୍କ ବିଭାଗ୍

ରାଏଜେ ଚଲ୍‌ତି ୨୦୨୪-୨୫ ଶିକ୍ଷା ବଛ୍‌ରେ ଉଚ୍ଚମାଧ୍ୟମିକ ଯୁକ୍ତ ଦୁଇ କଳା, ବିଜ୍ଞାନ୍, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ଆର୍ ସଂସ୍କୃତ ଉପଶାସ୍ତ୍ରୀ ପାଠ୍ୟକ୍ରମ୍‌ର ୧୧ କ୍ଲାସ୍‌ଥି ନାଁଲେଖାବାର୍‌କେ ପହେଲା ଖେପ୍ ମେଧା ତାଲିକା ଆଏବା ୨୦ ତାରିଖ୍ ଦିନ ବାହାର୍‌ବା । ଇ ନାଁଲେଖାର୍ ଲାଗି ଗଲା ୧୨ ତାରିଖ୍ ଆବେଦନ୍‌ର ଶେଷ୍ ଦିନ୍ ଥିବାର୍ ବେଲେ ମୋଟ୍ ୫ ଲାଖ୍ ୪୮ ହଜାର୍ ୩ ଶହ ୧୩ ଟା ସିଟ୍ ଲାଗି ୪ ଶହ ୭୬ ହଜାର୍ ୭୪ ଝନ୍ ଛାତ୍ରଛାତ୍ରୀ ସାମ୍ସ ପୋର୍ଟାଲ୍ ଜରିଏ ଆବେଦନ୍ କରିଛନ୍ ।

ରନ୍ଧା ଗେସ୍        ହି.ସ.

ଅଡର୍ କର୍‌ବାର୍ ୪୮ ଘଂଟା ଭିତ୍‌ରେ ଖାଉଟିଙ୍କର୍ ପାଖେ ରନ୍ଧା ଗେସ୍ ସିଲିଣ୍ଡର୍ ନାଇଁ ପୁହୁଁଚିଲେ ବିତରଣ୍‌କାରୀ ସଂସ୍ଥା ଉପ୍‌ରେ କାର୍ଯ୍ୟାନୁଷ୍ଠାନ୍ ହେବା ବଲି ରାଜ୍ୟ ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଆଏଜ୍ ପେଟ୍ରୋଲ୍, ଡିଜେଲ୍ ଆର୍ ଏଲ୍‌ପିଜି ଡିଲର୍ ସଂଘ ସାଙ୍ଗେ ବୈଠକ୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ଯେ, ପେଟ୍ରୋଲ୍ ଆର୍ ଡିଜେଲ୍‌ର ମାନ ଉପ୍‌ରେ କେନ୍‌ସି ପ୍ରକାର୍‌ର ସାଲିସ୍ ନାଇଁ କରାଯାଏ । କେହେନି ଠାନେ ଭିଲ୍ ଅପମିଶ୍ରଣ୍ ଜନାପଡ଼୍‌ଲେ କାର୍ଯ୍ୟାନୁଷ୍ଠାନ୍ ହେବା । ଖାଉଟିମାନ୍‌କୁ ଭଲ୍ ସେବା ଉପ୍‌ରେ ପ୍ରାଥମିକତା ଦେବାର୍‌କେ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ ।

ଭାଜପା- ବୈଠକ ହି.ସ.

ଭାରତୀୟ ଜନତା ପାର୍ଟି ରାଜ୍ୟ ଶାଖାର୍ ପରିବର୍ଦ୍ଧିତ ବୈଠକ୍ ଆଏବା ଶୁକ୍ରବାର୍ ଆର୍ ଶନିବାର୍ ୨ ଦିନ୍ ଧରିକରି ହେବା ଆର୍ ବୈଠକ୍‌ଥି ଦଲର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ୍ ନଡ୍ଡା ଯୋଗ୍ ଦେବେ ବଲି ରାଜ୍ୟ ଶାଖା ସଭାପତି ମନମୋହନ୍ ସାମଲ୍ ସୂଚ୍‌ନା ଦେଇଛନ୍ । ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ୍‌ଥି ଦଲର୍ ଭବିଷ୍ୟତ ରଣନୀତି ଆର୍ କାର୍ଯ୍ୟପନ୍ଥା ବାବ୍‌ଦେ ଆଲୋଚନା ହେବା ବଲି ଶ୍ରୀ ସାମଲ୍ କହିଛନ୍ ।

ଦକ୍ଷତା ବିକାଶ୍ କେନ୍ଦ୍ର ଲୋକାର୍ପଣ    କଳାହାଣ୍ଡି ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଭାସୀ ଜରିଏ କଳାହାଣ୍ଡି ଜିଲ୍ଲା ଦକ୍ଷତା ବିକାଶ୍ କେନ୍ଦ୍ରର୍ ଲୋକାର୍ପଣ୍ କରିଛନ୍ । ଜିଲ୍ଲା ଦକ୍ଷତା ବିକାଶ୍ କେନ୍ଦ୍ର ନ ଇ ଆର୍ଥିକ୍ ବଛ୍‌ରେ ୫ ଶହ ଝନ୍ ପିଲାକୁ ତାଲିମ୍ ଆର୍ ନିଯୁକ୍ତି ଦିଆଯିବାର୍ ଲକ୍ଷ୍ୟ ଧାରିଜ୍ କରାଯାଇଛେ । ଲୋକାର୍ପଣ୍ ଅବ୍‌ସରେ ଭବାନୀପାଟ୍‌ନା ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ସାଂସଦ୍ ମାଳବିକା ଦେବୀ ଉପସ୍ଥିତ୍ ଥିଲେ ।

ଡେବ୍ରିଗଡ୍- ହରିଣ ସ୍ଥାନାନ୍ତର    ସମ୍ବଲପୁର୍ ସମ୍ବାଦଦାତା

କେନ୍ଦ୍ରୀୟ ଜୁ ଅଥରିଟିର୍ ଅନୁମତିଥି ଡେବ୍ରିଗଡ୍ ଅଭୟାରଣ୍ୟକେ ହରିଣ ସ୍ଥାନାନ୍ତରଣ୍ ମୁଳ୍ ହେଇଛେ । ଆଏଜ୍ ପହେଲା ଖେପେ ୧୨ ଟା ଚିତ୍ରା ହରିଣଙ୍କୁ ସମ୍ବଲ୍‌ପୁର୍ ଜୁ ନୁ ଡେବ୍ରିଗଡ୍‌କେ ନିଆଯାଇଛେ । ସମ୍ବଲ୍‌ପୁର୍ ଜୁ ନୁ ଖେପ୍ ଖେପ୍ କରି ମୋଟ୍ ଶହେ ୧୫ ଟା ଚିତ୍ରା ହରିଣ ଡେବ୍ରିଗଡ୍ ଅଭୟାରଣ୍ୟକେ ଯିବେ ବଲି ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍‌ର ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ କହିଛନ୍ । ଇତାର୍‌ସଙ୍ଗେ ଡେବ୍ରିଗଡ୍ ଅଭୟାରଣ୍ୟକେ ୩ ଟା ବାଘ୍ ,

ସମ୍ବଲ୍‌ପୁର୍ ଜୁ କେ ୪ ଟା ମହାବଳ ବାଘ ଆର୍ ୪ ଟା କୁମ୍ଭୀର ଆସ୍‌ବାର୍ ଲାଗି ଅନୁମତି ମିଲିଥିବାର୍ ସେ ସୂଚ୍‌ନା ଦେଇଛନ୍ ।

ବିଜ୍‌ଲି କାଟ୍        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁରର୍ ଅଇଁଠାପାଲି ନ ଥିବାର୍ ୩୩ କେଭି ଫିଡ଼ର୍ ଲାଇନ୍‌ର ଦେଖ୍‌ରେଖ୍ କାମ୍ ଲାଗି ଆଏବା ୧୮ ତାରିଖ୍ ଗୁରୁବାର୍ ସଖାଲର୍ ୮ ନୁ ଦୁଇପହରର୍ ୨ ବଜାତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା ବଲି ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇଥିର୍‌ଲାଗି ସେଦିନ ଅଇଁଠାପାଲି, ବଲ୍‌ବସ୍‌ପୁର୍, କାଇଁଶିର୍, ଭାଲୁପାଲି, ବୁଢ଼ାରଜା, ଫାଟକ୍, ଚେରୁଆପଡ଼ା, ବଡ଼ବଜାର୍, ବାଲିବନ୍ଧା, ପଟ୍ଟନାୟକ୍‌ପଡ଼ା, ମୁଦିପଡ଼ା, ରେଲ୍‌ୱେକଲୋନୀ ଦୁର୍ଗାପାଲି, ରେମେଡ଼୍ ବରେଇପାଲି, କ୍ଷେତରାଜ୍‌ପୁର୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ସଖାଲର୍ ୮ ନୁ ଦୁଇପହରର୍ ୨ ବଜାତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା ।

ବନମହୋତ୍ସବ      ହି.ସ.

ବଲାଙ୍ଗିର୍ ଜିଲ୍ଲା ଲୁଇସିଂହାର୍ ହରେକୃଷ୍ଣ ମହତାବ୍ ହାଇସ୍କୁଲ୍ ଆର୍ ବୁଢ଼ିପଦର୍ ପଡ଼ିଆ ନ ବନମହୋତ୍ସବ୍ ହେଇଯାଇଛେ । ହେଥି ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର ମୁକେଶ୍ ମହାଲିଙ୍ଗ ଯୋଗ୍ ଦେଇକରି ଗଛ୍ ଚାରା ଲଗେଇଥିଲେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିଥିବାର୍ 'ମା ପାଇଁ ଗଛଟିଏ' ଅଭିଯାନ୍‌ଥି ସଭେ ସାମିଲ୍ ହେବାର୍‌କେ ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ଆହ୍ୱାନ୍ ଦେଇଥିଲେ ।